## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

କୁଆମରା,(ଡି.ଏନ.ଏ.): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋପବନ୍ଧୁ ନଗର ବ୍ଲକ ଆରପଟା ଗ୍ରାମର ଚିତ୍ତରଞ୍ଜନ ଦେହୁରୀ ଓ କନ୍ଦା ଦଳେଇଙ୍କ ମଧରେ ଗତ ୪ ତାରିଖରେ ମାରପିଟ୍ ହୋଇଥିଲା। କନ୍ଦା ଉତ୍ତ୍ୟକ୍ତ ହୋଇ ଚିତ୍ତରଞ୍ଜନଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏ ସଂକ୍ରାନ୍ତରେ ଚିତ୍ତରଞ୍ଜନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୬୮/୨୧) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ କନ୍ଦାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

**ସଂକ୍ଷେପରେ**

## ପିଲେଟ୍‌ରେ ବାଇକ୍ ଖସି ବୃଦ୍ଧାଙ୍କ ମୃତ୍ୟୁ

**ଯୋଡା, ୧୪।୧୨ (ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କମାର ଯୋଡ଼ା ଠାରେ ସୋମବାର ଅପରାହ୍ନରେ ପିଲେଟରେ ବାଇକ୍ ଖସି କମାରଯୋଡା ନିକଟରେ ଗୁରୁ ଗୋପ ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ତାଙ୍କର ଜ୍ୱାଇଁ ଡୋରା କେରାଇ ତାଙ୍କୁ ଏକ ମୋଟରସାଇକେଲରେ ବସାଇ ବାଂଶପାଣିରୁ ଯୋଡା ଆସୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଏ ନେଇ ଯୋଡ଼ାରେ ପ୍ରତିକ୍ରିୟା ଦେଖାଦେଇଛି। ସୂଚନାରୁ ପ୍ରକାଶ ବିଭିନ୍ନ ରେଳ କ୍ଷେତ୍ରକୁ ପରିବହନ ସମୟରେ ଏହି ଲୁହା ଗୋଲିକୁ ବସ୍ତାରେ ଭର୍ତ୍ତି କରି ପରିବହନ କରାଯିବାର ସରକାରୀ ନିୟମ ଥିବା ବେଳେ ବିଭିନ୍ନ କାରଖାନା କର୍ତ୍ତୃପକ୍ଷ ଲାଭଖୋର ମନବୃତ୍ତି ରଖି ଖୋଲା ଟ୍ରକରେ ଏହା ପରିବହନ କରିଥାନ୍ତି । ଫଳରେ ଏହା ବିଭିନ୍ନ ସ୍ଥାନରେ ଟ୍ରକରୁ ଖସି ରାସ୍ତାରେ ବିଛାଡି ହୋଇପଡିଥାଏ। ଏଥିରେ ପାଦଚଲା ଲୋକ, ମୋଟରସାଇକେଲ ଏବଂ ଛୋଟ ଗାଡି ଖସି ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତି। ଅନେକ ସମୟରେ ଏଥିରେ ପଡ଼ି ଆହତ ହେବା ସହ ପୂର୍ବରୁ କେତେ ଜଣଙ୍କର ଜୀବନ ଚାଲିଯାଇଥିବା ମଧ ନଜିର ରହିଛି। ବାରମ୍ବାର ଏ ନେଇ ଅଭିଯୋଗ କରାଯାଉଥିଲେ ମଧ ସ୍ଥାନୀୟ ପ୍ରଶାସନ ଏବଂ କାରଖାନା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାନ୍ତି। ସମ୍ପୃକ୍ତ ବୃଦ୍ଧାଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ତାଙ୍କ ପରିବାର ଲୋକ ସମ୍ପୃକ୍ତ କମ୍ପାନୀ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି।

## ପରଲୋକରେ ନାରୀନେତ୍ରୀ ସୁପ୍ରଭା

**ଖଇରା, ୧୪।୧୨(ଡି.ଏନ.ଏ.):** ମହିଳାମାନଙ୍କ ଲାଗି ସଂଗ୍ରାମ ଜାରି ରଖିଥିବା ଖଇରା ବ୍ଲକ ପାର୍ବତୀପୁର ଗ୍ରାମର ସୁପ୍ରଭା ଦାସ(୮୪)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସ୍ୱର୍ଗତା ଦାସ ରାଉରକେଲା ଷ୍ଟିଲପ୍ଲାଣ୍ଟରେ ଡାକ୍ତରୀ ପଦବୀରୁ ସ୍ୱେଚ୍ଛାକୃତ ଅବସର ନେଇ ପାର୍ବତୀପୁର ଶ୍ୱଶୁର ଘରେ ରହି ନାରୀମାନଙ୍କର ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ଖଇରା ତଥା ଆଖପାଖ ଅଞ୍ଚଳରୁ ଯୁବତୀଚାଲାଣ ରୋକିବା, ଯୌତୁକ ପ୍ରଥା ଉପରେ ଲଗାମ, ଘରୋଇ ହିଂସା ଉପରେ ପ୍ରତିବନ୍ଧକ ଲଗାଇବା, ମହିଳା ସଙ୍ଗଠନକୁ ଏକାଠି କରି ବେଆଇନ ମଦ ବ୍ୟବସାୟକୁ ବନ୍ଦ କରିବା ଭଳି କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ । ତାଙ୍କର ଏଭଳି ଆକସ୍ମିକ ବିୟୋଗରେ ଖଇରା ବ୍ଲକର ବିଭିନ୍ନ ମହିଳା ସଙ୍ଗଠନ, ଜନଜାଗରଣ ମଞ୍ଚ, ଗଣ୍ଡିବେଡ ବଣିକ ସଂଘ, ପ୍ରତ୍ୟାଶା ମଞ୍ଚ, ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦର କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ପୂର୍ବ ଘୋଷଣା ଅନୁଯାୟୀ ତାଙ୍କ ମରଶରୀରକୁ କଟକ ବଡ ମେଡିକାଲକୁ ହସ୍ତାନ୍ତର କରାଯାଇଛି।

## ଶର୍ଟସର୍କିଟ୍‌ରେ ପୋଡ଼ିଗଲା ୩ ବଖରା

**ସଜନାଗଡ଼, ୧୪।୧୨(ଡି.ଏନ.ଏ.):** ନୀଳଗିରି ଥାନା କାଣ୍ଡଗରଡ଼ି ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ବାମଦେବ ଦାସଙ୍କ ୩ ବଖରା ଘର ସର୍ଟସର୍କିଟ୍ ଯୋଗୁ ପୋଡ଼ିଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ନୀଳଗିରି ଦମକଳ ବାହିନୀ ଓ ବାହନଗା ଦମକଳ ବାହିନୀ ପହଞ୍ଚିଲା ବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର, ୩୦ହଜାର ଟଙ୍କା, ସୁନା ଅଳଙ୍କାର ପୋଡ଼ି ଯାଇଥିଲା। ନୀଳଗିରିର ଶିଶିର ଫାଉଣ୍ଡେଶନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ପହଞ୍ଚି ବାସଶୂନ୍ୟ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନୁରୂପ ଭାବେ ଉକ୍ତ ପରିବାରବର୍ଗ ଓ ଗାଁ ଲୋକେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏମ୍‌ପି ଷଡ଼ଙ୍ଗୀ ସମବେଦନା ଜଣାଇବା ସହାୟତା ଯୋଗାଇଛନ୍ତି।

## ମହିଳା ମିଶନ ଶକ୍ତିର ଋଣମେଳା

**ପଦ୍ମପୁର, ୧୪।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ଅଧିନ ଶିବଶକ୍ତି ମହିଳା ମହାସଂଘ ତରଫରୁ ଋଣମେଳା ଆୟୋଜିତ ହୋଇଯାଇଛି। କମାରଗାଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ପରିଚାଳକ ବିନେଶ କୁମାର ଶଙ୍ଖୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାସଂଘର ବେଳେ ୧୦ଟି ଗ୍ରୁପକୁ ୫ ଲକ୍ଷ କରି ୫୦ ଲକ୍ଷ ଟଙ୍କାର ଋଣ ରାଶି ପ୍ରଦାନ କରାଯାଇଥିଲା।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଅନ୍ୱେଷା

ପଦ୍ମପୁର, ୧୪।୧୨(ଡି.ଏନ.ଏ.)



ମା' ବାପାଙ୍କ ସହ ଅନ୍ୱେଷା।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୟୁକେଜିର ପାଠ ପଢୁଥିବା ସାଢ଼େ ୪ ବର୍ଷର ଝିଅ ଅନ୍ୱେଷା ସାହୁ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି। ସେ ସ୍ଥାନୀୟ ଏକ ପବ୍ଲିକ ସ୍କୁଲରେ ପାଠ ପଢୁଛନ୍ତି। ଭାରତୀୟ ସଂସ୍କୃତି ଉପରେ ଆଧାରିତ ପୌରାଣିକ, ଆଧ୍ୟାତ୍ମିକ ଓ ସାମ୍ପ୍ରତିକ ସମସ୍ୟା ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେ ଅନେକ କଥା କହିପାରୁଛନ୍ତି। ଦେଶ ବିଦେଶର ବିଭିନ୍ନ ରାଷ୍ଟ୍ର ମୁଖ୍ୟ ସମସ୍ୟା ସହ ୧୦୦୦ ରୁ ୧୫୦୦ ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ଚର୍ଚ୍ଚାକୁ ଆସିଛନ୍ତି। ସର୍ବଭାରତୀୟ ସ୍ତରର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସର ପ୍ରତିଯୋଗିତାରେ ଭାଗ ନେଇ ସେ ଏହି ସଫଳତା ଅର୍ଜନ କରିଛନ୍ତି। ଏତେ କମ୍ ବୟସର ପିଲା ପାଠ ପଢ଼ିବା ଆରମ୍ଭ କରି ନ ଥିବା ବେଳେ ତାଙ୍କର ଏହି ସଫଳତା ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କର ପିତା ଇଂ. ମନୋଜ ସାହୁ ପେଶାରେ ଜଣେ ବ୍ୟବସାୟୀ ଓ ମା' ରୋଜାଲିନ ଗୃହିଣୀ। ବିଶେଷ ଭାବେ ତାଙ୍କର ଏହି ସଫଳତା ପାଇଁ ସେ ମା', ବାପା ଆତ୍ମୀୟ ସ୍ୱଜନ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

# ପୁଣି ଫେରିଲେ ହାତୀ ପଲ

ଠାକୁରମୁଣ୍ଡା, ୧୪।୧୨(ଡି.ଏନ.ଏ.)

### ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳକୁ ପୁଣି ଫେରିଛନ୍ତି ହାତୀ ପଲ। ବନବିଭାଗ ଓ ସ୍ଥାନୀୟ ଲୋକେ ୨୬ ଟିକିଆ ହାତୀପଲଙ୍କୁ କେନ୍ଦୁଝର ଜିଲା ପାଟଣା ଅଞ୍ଚଳକୁ ଘଉଡ଼ାଇ ଦେଇଥିଲେ। ତେବେ ୨ ଦିନ ପରେ ସୋମବାର ସେମାନେ ପୁଣି ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳକୁ ଫେରିଆସି ଉତ୍ପାତ ଚଳାଇଛନ୍ତି। ଫେରିବା ବାଟରେ ହାତୀ ପଲ ସୀମାନ୍ତ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅନ୍ତର୍ଗତ କୁମୁଳାବାହାଲି ଗ୍ରାମର ମୁକୁନ୍ଦ ମହାନ୍ତଙ୍କ ଘର ଭାଙ୍ଗି ଦେଇଛନ୍ତି। ପରେ ଏଥିମଧ୍ୟରୁ ୧୮ଟି ହାତୀ ଗୁରାସ ଜଙ୍ଗଲରେ ରହିଯାଇଥିବା ବେଳେ ଅବଶିଷ୍ଟ ୮ ହାତୀ ସୋମବାର ରାତିରେ ଠାକୁରମୁଣ୍ଡା ରେଞ୍ଜରେ ପ୍ରବେଶ କରି ପଡ଼ିଆବେଡ଼ା ପଞ୍ଚାୟତ ଅନ୍ତର୍ଗତ ଖସାକୁଦର ଗ୍ରାମର ପ୍ରଫୁଲ୍ଲ ମହାନ୍ତଙ୍କ ଘର ଭାଙ୍ଗି ଦେଇଛନ୍ତି। ସେହିପରି ଓରିୟମ ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ଘର ଭାଙ୍ଗି ଧାନ ଓ ଚାଉଳ ଖାଇ ଦେଇଛନ୍ତି। ସେହି ଗ୍ରାମର ନରେନ୍ଦ୍ର ମହାନ୍ତଙ୍କ ଘର କାନ୍ଥ ଭାଙ୍ଗିବା ସହ ଗୁଡ଼ା ସାହିରେ ଧାନ ଫସଲ ନଷ୍ଟ କରିଛନ୍ତି। ୨ ଛୁଆ ସହ ୬ଟି ହାତୀ ଠାକୁରମୁଣ୍ଡା ରେଞ୍ଜ ପୁରୁଣାପଣି ଜଙ୍ଗଲରେ ଥିବାର ସୂଚନା ମିଳିଛି।

# 'ମଣ୍ଡି ଖୋଲା ନ ଗଲେ ଆନ୍ଦୋଳନ'

ଖଇରା, ୧୪।୧୨(ଡି.ଏନ.ଏ.)

**ଚେତାବନୀ ଦେଲା କଂଗ୍ରେସ**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ସରକାରୀ ଧାନ କ୍ରୟ କେନ୍ଦ୍ର ଖୋଲାଯାଉ ନ ଥିବାରୁ ଚାଷୀମାନେ ଧାନ ବିକି ନ ପାରି ଡହଳବିକଳ ହେଉଛନ୍ତି। ଜୱାଦ ବାତ୍ୟା ଓ ବନ୍ୟା ପ୍ରଭାବରେ ୬୦ଭାଗ ନଷ୍ଟ ହୋଇସାରିଛି। ଯେତିକି ବି ଅମଳ ହେଉଛି ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀ ବାଧ୍ୟ ହୋଇ ଧାନ କୁଇଣ୍ଟଲ ପିଛା ୧୧ଶହ ଟଙ୍କାରେ ବିକ୍ରି କରୁଛନ୍ତି । ଗୋଟିଏ ପଟେ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷି ନୀତି ଯୋଗୁ ୭ଚାଷୀ ପ୍ରାଣ ହରାଇଥିବା ବେଳେ ରାଜ୍ୟ ସରକାରଙ୍କ ଅବହେଳା ପାଇଁ ଚାଷୀମାନେ ହଟହଟା ହେଉଛନ୍ତି । ସେପଟେ ବହୁ ଚାଷୀଙ୍କୁ ଟୋକନ ଇସ୍ୟୁ କରାଯାଇସାରିଛି। ତେବେ ମଣ୍ଡି ଖୋଲା ନ ଯିବା ଦୁଃଖଦ ଘଟଣା । ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ମଣ୍ଡି ଖୋଲା ନ ଗଲେ ଖଇରା ବ୍ଲକ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପୂର୍ବତନ ଏମ୍‌ପି, ପ୍ରାକ୍ତନ ପିସିସି ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ସେଠୀ ଓ ଖଇରା ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ଦାସ ଅଭିଯୋଗ କରିଛନ୍ତି। ସୋମବାର ବାଲେଶ୍ୱର ଜିଲା ଖଇରା ବ୍ଲକର ମହତୀପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ପ୍ରସଙ୍ଗ ଉଠାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଘେରିଛନ୍ତି । ଏହାଛଡା ଡାକ୍ତରଖାନାରେ ଡାକ୍ତର ନ ଥିବା ବେଳେ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯିବା, ଗାଁ କଲ୍ୟାଣ ସମିତିରୁ କାର୍ଡ ବଣ୍ଟନ ଉତ୍ସବ ପାଇଁ ୫ହଜାର ଲେଖାଏଁ ଆଦାୟ କରାଯିବା, ବିଧାନସଭାକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ କରି ଦିଆଯିବା, ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ଓ ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନରେ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ । ବୈଠକରେ ପ୍ରାକ୍ତନ ସରପଞ୍ଚ ବସନ୍ତ କୁମାର ପାତ୍ର ଓ କଂଗ୍ରେସର ଯୁବନେତା ନିରଞ୍ଜନ ପରିଡା ଉପସ୍ଥିତ ଥିଲେ।

## ମହିଳା ପୋଷ୍ଟ ମାଷ୍ଟରଙ୍କୁ ମରଣାନ୍ତକ ଆକ୍ରମଣ

### ଅଭିଯୁକ୍ତଙ୍କୁ ବାନ୍ଧି ଲୋକେ ଛେଚିଲେ

ସାରସକଣା, ୧୪।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ଥିବା ଏକ ଶାଖା ଡାକଘରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଜଣେ ମହିଳା ପୋଷ୍ଟ ମାଷ୍ଟରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀ ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ନିର୍ଘୁମ ଛେଚିବା ସହ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳର ଜନୈକା ଯୁବତୀ ଉକ୍ତ ଶାଖା ଡାକ ଘରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ କଟକ ଜିଲା ବୈଦେଶ୍ୱର ଥାନା ଅଧୀନ ଠଣାପଲ୍ଲୀ ଗ୍ରାମର ରାକେଶ ବେହେରା ପୋଷ୍ଟ ଅଫିସରେ ପହଞ୍ଚି ଏକ କଟୁରିରେ ପୋଷ୍ଟମାଷ୍ଟରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଷ୍ଟମାଷ୍ଟରଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆକ୍ରମଣକାରୀ ଯୁବକଙ୍କୁ କାବୁ କରି ଏକ ଦଉଡ଼ିରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ଝାରପୋଖରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରିବା ସହିତ ଆକ୍ରମଣରେ ବ୍ୟବହୃତ କଟୁରିକୁ ଜବତ କରିଛି। ଆହତ ପୋଷ୍ଟମାଷ୍ଟର ଚିକିତ୍ସା ପାଇଁ ଶୀର୍ଷା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନି।

# ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲେ ଛାତ୍ର



ପୁରାତନ ଛାତ୍ରଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଟଣା, ୧୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟର ସର୍ବ ପୁରାତନବିଦ୍ୟାଳୟ ଜି.ଏନ ହାଇସ୍କୁଲରୁ ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ପୁରାତନ ଛାତ୍ର ନିମନ୍ତ୍ରଣ କରି ରବିବାର ସରାସକୋଲା ପଞ୍ଚାୟତ ତୁଳସୀପୁର ସ୍ଥିତ ବିବେକାନନ୍ଦ ଦାଶଙ୍କ ଫାର୍ମହାଉସ୍‌ରେ ସମ୍ବର୍ଦ୍ଧିତ କରିଛନ୍ତି। ପୁରାତନ ଛାତ୍ର ମାନେ ଅବସରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ବାରିକ, ସନାତନ ମହାନ୍ତ, ଜନାର୍ଦ୍ଦନ ନାଏକ, ଗୋପବନ୍ଧୁ ସ୍ୱାଇଁ, ଅତୁଲ କୁମାର ରାଉତ, ଶରତ ଚନ୍ଦ୍ର ବେହେରା, ରମାକାନ୍ତ ମିଶ୍ର ଓ ବଳଭଦ୍ର ବେହେରାଙ୍କୁ ଫୁଲମାଳ, ଅଙ୍ଗ ବସ୍ତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପୁରାତନ ଛାତ୍ରଙ୍କ ଏଭଳି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି। ଗୁରୁ ଶିଷ୍ୟ ପରମ୍ପରାର ଅତୁଟ ସମ୍ପର୍କକୁ ବଜାୟ ରଖିବାକୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପୁରାତନ ଛାତ୍ର ଡ. ଚିତ୍ତରଞ୍ଜନ ନାଏକ, ଅରବିନ୍ଦ ଦାଶ, ଶ୍ରୀନିବାଶ ଶତପଥୀ, ବିଜୟ ରତ୍ନ ପତି, ତୁଷାର ତ୍ରିପାଠୀ ଓ କ୍ଷୀରୋଦ ଦାଶ କହିଛନ୍ତି।

# ହାତୀ ଉପଦ୍ରବରେ ଭାଙ୍ଗିଲା ଘର



ଧାନବିଲରେ ହାତୀପଲ ପଶି ନଷ୍ଟ କରୁଛନ୍ତି।

ପାଟଣା, ୧୪।୧୨:(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୫ ଦିନ ହେବ ହାତୀ ଆତଙ୍କ ଜାରି ରହିଛି। ସୋମବାର ବିଳମ୍ବିତ ରାତିରେ ୨୬ ଟିକିଆ ବଣୁଆ ହାତୀପଲ ଗାଁ ଭିତରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏହି ହାତୀପଲ ସାହାରପଡା ସେକ୍ସନ ମାଛଗଡ଼ ବିଟ୍‌ର ୪ଜଣ ଲୋକଙ୍କ ଘର ଭାଙ୍ଗି ଘର ଭିତରେ ଥିବା ଧାନ ଚାଉଳକୁ ବୋହି ନେଇ ଖାଇ ଦେଇଛନ୍ତି। ଏହି ବିଟ୍ ବନବୀର ଗ୍ରାମର ଧନୁର୍ଜୟ ମହାନ୍ତଙ୍କ ଏକ ଖପର ଘର, କୁମୁଳାବାହାଲି କୁମୁଦ ମହାନ୍ତଙ୍କ ୨ ବଖରା ଖପର ଘର, ଆଶାମଣୀ ମହାନ୍ତଙ୍କ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ଭାଙ୍ଗିବା ସହ ଗୋପୀନାଥପୁର ଗାଁ ଚତୁରୀ ସାହିର ସାମୂହିକ ଗାଁ ଯାକ ଲୋକେ ଏକ ଚତୁରୀରେ ଧାନ ଅମଳ ପାଇଁ ରଖିଥିବା ଧାନ କୁ ହାତୀ ପଲ ଖାଇଦେଇଥିବା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି। ଧନୁର୍ଜୟ ମହାନ୍ତଙ୍କ ଘର ଭିତରେ ଶୋଇଥିବା ୨ ଶିଶୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏଥିସହ ହାତୀପଲ ମାଛଗଡ଼, ଦାମାହୁଦା, ଡାଳପକା ଅଞ୍ଚଳରେ ଏକର ଏକର ପରିମିତ ଧାନ ବିଲରେ ପଶି ଫସଲ ଓ ପନିପରିବା ଚାଷକୁ ନଷ୍ଟ କରିଛନ୍ତି। ହାତୀପଲ ମଙ୍ଗଳବାର ଅପରାହ୍ନରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଡିଭିଜନ ଜଙ୍ଗଲକୁ ଚାଲି ଯାଇଥିବା ବନ ବିଭାଗ ସୂଚନା ଦେଇଛି। କ୍ଷତିଗ୍ରସ୍ତ ଚାଷୀ ଓ ଲୋକଙ୍କୁ ଖୁବ ଶୀଘ୍ର କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ୫୦ ଫୁଟ ତଳକୁ ବାଇକ୍ ଖସି ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୧୪।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ରୁଚିଶିଳା ପଞ୍ଚାୟତ ସାରୁପାଟ ଗ୍ରାମରେ ଥିବା ରେଲୱେ ଓଭରବ୍ରିଜ ବାଡ଼ାରେ ଏକ ବାଇକ୍ ୫୦ ଫୁଟ ତଳକୁ ଖସି ପଡିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ କମାରନାଳୀ ଗ୍ରାମର ବଟ ମୁଣ୍ଡା। ବଟ ତାଙ୍କ ସାଥୀଙ୍କ ସହ କୌଣସି କାର୍ଯ୍ୟରେ ଆସି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ବାଇକ୍‌ଟି ବ୍ରିଜ ବାଡାରେ ଧକ୍କା ଦେଇଥିଲା। ତାଙ୍କ ପଛରେ ବସିଥିବା ଯୁବକ ଜଣକ ଗୁରୁତର ଆହତ ହୋଇ ଉପରେ ଝୁଲନ୍ତା ଅବସ୍ଥାରେ ରହିଥିଲା। ସ୍ଥାନୀୟ ଲୋକେ ଖବର ପାଇ ଆମ୍ବୁଲାନ୍ସ ଡାକି ଆହତ ଯୁବକଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଢେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗୋରୁ ବୋଝେଇ ୨ ଗାଡ଼ି ଜବତ, ୬ ଗିରଫ

ସାରସକଣା, ୧୪।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳ ଦେଇ ଯାଉଥିବା ୨ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ପୋଲିସ ହାତରେ ଧରାପଡ଼ିଛି। ଏହି ଘଟଣାରେ ମଙ୍ଗଳବାର ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।ସୂଚନା ଅନୁଯାୟୀ, ରାଇରଙ୍ଗପୁର,ବାଦମପାହାଡ଼ ଓ ବିଶୋଇ ଥାନା ଅଞ୍ଚଳରୁ ଝାରପୋଖରିଆ ଥାନା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥରେ ପଶ୍ଚିମବଙ୍ଗକୁ ବେଆଇନ ଗୋ ଚାଲାଣ ଚାଲିଛି। ଏନେଇ ପ୍ରଶାସନ ଆଖି ବୁଜି ଦେଇଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରେ ରାଇରଙ୍ଗପୁର ଓ ବାଦାମପାହାଡ଼ ଥାନା ଅଞ୍ଚଳରୁ ଦୁଇଟି ପିକ୍‌ଅପ୍ ଭ୍ୟାନ୍‌ରେ ପଶ୍ଚିମବଙ୍ଗକୁ ଗୋ ଚାଲାଣ ହେଉଥିବା ବେଳେ ଖବରପାଇ ଝାରପୋଖରିଆ ଥାନାଧିକାରୀ ମୁକ୍ତିକାନ୍ତ କୁଲୁ ଜାମଶଳା ନିକଟରେ ଭ୍ୟାନ୍ ଦୁଇଟିକୁ ଅଟକାଇ ଥାନାକୁ ଆଣିଥିଲେ। ସେଥିରେ ବନ୍ଧା ହୋଇଥିବା ୨୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୫୫/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହେମନ୍ତ ହାଁସଦା, ଠାକୁର ମାଝୀ, କରନ ହାଁସଦା, ଏସ୍‌କେ ଇରସାନ୍, ଏସ୍‌କେ ସରପାଜ ଓ ଏସ୍‌କେ ଜାସିର।

# ନ୍ୟାୟ ନ ମିଳିଲେ ଆମରଣ ଅନଶନ ଚେତାବନୀ

କେନ୍ଦୁଝର, ୧୪।୧୨ (ସ୍ୱ.ପ୍ର.)

କେନ୍ଦୁଝର ଡିଏଫଓ ଅଫିସରେ କାର୍ଯ୍ୟରତ ଜଣେ ଏସିଏଫଙ୍କ ବିରୋଧରେ ଜନାର୍ଦ୍ଦନ ଗିରି ନାମକ ଜଣେ ବ୍ୟକ୍ତି ଡିଏଫଓଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି। ନଚେତ ସେ ଆସନ୍ତା ୨୦ ତାରିଖରୁ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଡିଏଫଓ ଏଚ.ଡି. ଧନରାଜ ତାଙ୍କୁ କହିଛନ୍ତି। ଜନାର୍ଦ୍ଦନଙ୍କ ଘର ଘଟଗାଁ ତହସିଲ ଗୋପାଳପୁର ଅଞ୍ଚଳରେ।

ଅଭିଯୋଗ ଅନୁଯାୟୀ, ୨୦୧୪ ମସିହା ନଭେମ୍ବର ୧୩ ତାରିଖରେ ଉକ୍ତ ଅଧିକାରୀ ବେଆଇନଭାବେ ତାଙ୍କର ଓଆର ୧୧ଏଫ ୬୩୯୧ ଏବଂ ଓଆର ୧୧ଏଫ ୬୩୯୨ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଏବଂ ଟ୍ରାକ୍ଟର ଟ୍ରଲିକୁ ଜବତ୍ କରିଥିଲେ। ଉକ୍ତ ଟ୍ରାକ୍ଟରରେ ୧୦୦ ସିଫ୍ଟ ଉଚ୍ଚମାନର ପଥର ଓ ୩୫ଟା ଶାଳ ବଲା ଲୋଡ ହୋଇଥିବା ଦର୍ଶାଇ ଜବତ୍ କରାଯାଇଥିଲା। ତେବେ ଉକ୍ତ ମିନି ଟ୍ରାକ୍ଟରରେ ଦର୍ଶାଯାଇଥିବା ଏତେ ପରିମାଣର ସାମଗ୍ରୀ ଜବତ ଅସମ୍ଭବ ବୋଲି ସେ ଦାବି କରିଛନ୍ତି । ଏଣୁ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ଆକ୍ରୋଶମୂଳକ ଭାବେ ଟ୍ରାକ୍ଟର ଜବତ୍ କରି କେସ୍ କରାଯାଇଥିଲା ବୋଲି ଗିରି ଅଭିଯୋଗ କରିଛନ୍ତି। ଯାହାଫଳରେ ସେ ଅପମାନିତ ହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି।

## ଆଥଲେଟିକ୍ ଆସୋସିଏଶନ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ

ବାରିପଦା ଅଫିସ, ୧୪।୧୨

ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ସମାରୋହ ବାରିପଦା ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ ସଭାପତି ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଆସୋସିଏସନର ଉପସଭାପତି ତଥା ଏସ୍‌ପି କେ.ଆର.ଦ୍ୟାନଦେଓ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାର ବିକାଶ ଉପରେ ଗୁରୁତ୍ୱ ଦେବାପାଇଁ ଆହ୍ୱାନ ଦେଇଥିଲେ। ସଭ୍ୟ ସୋମନାଥ ସିଂ କାର୍ଯ୍ୟକ୍ରମ ପରିଚାଳନା ଓ କାଉନସିଲ ସଭ୍ୟ ବୈଦ୍ୟନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଶତାଧିକ ସଭ୍ୟ ଉପସ୍ଥିତ ରହି ନବ ନିର୍ବାଚିତ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ।

# ଅବସରପ୍ରାପ୍ତ ସୈନିକଙ୍କୁ ମିଳୁନି କ୍ୟାଣ୍ଟିନ ସାମଗ୍ରୀ

ବାଲେଶ୍ୱର ଅଫିସ, ୧୪।୧୨

କ୍ୟାଣ୍ଟିନ ସାମଗ୍ରୀ ମିଳୁ ନ ଥିବା ଅଭିଯୋଗ କରି ଭୂତପୂର୍ବ ସୈନିକ ଅଧିକାର ମଞ୍ଚ ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଡିଆର୍‌ଡିଓ ଫାଟକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ମଞ୍ଚ ସଭାପତି ମନୋଜ କୁମାର ଦାସ ଏହାର ନେତୃତ୍ୱ ନେଇଥିଲେ।

ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ସୈନିକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ସାମଗ୍ରୀ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ପ୍ରତିରକ୍ଷା ବିଭାଗ ପକ୍ଷରୁ ଚାନ୍ଦିପୁରରେ କ୍ୟାଣ୍ଟିନ୍ ଯୋଗାଇ ଦେଇଛନ୍ତି। ଏଥିରେ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ସହ ଗ୍ରଶେରୀ, କସମେଟିକ, ଇଲେକ୍ଟ୍ରୋନିକ ସାମଗ୍ରୀ ବିନା ଟ୍ୟାକ୍ସରେ କମ୍ପାନୀ ଦରରେ ମିଳିଥାଏ। ଯେଉଁ ସୈନିକଙ୍କ କ୍ୟାଣ୍ଟିନ୍ କାର୍ଡ ମିଳିଛି ସେମାନେ ଦେଶରେ ଥିବା ଯେକୌଣସି କ୍ୟାଣ୍ଟିନ୍‌ରୁ ଜିନିଷ ଉଠାଇପାରିବେ। ଚାନ୍ଦିପୁରରେ ୩ଟି କାଉଣ୍ଟର (ଆଇଟିଆର୍ କ୍ୟାଣ୍ଟିନ୍, ପିଏକ୍ସଇ କ୍ୟାଣ୍ଟିନ୍ ଓ ଏସ୍‌ଟିଏନ୍ ଏଚ୍‌କ୍ୟୁ କ୍ୟାଣ୍ଟିନ୍) ରହିଛି। ସେଥିମଧ୍ୟରୁ ଆଇଟିଆର୍ ଓ ପିଏକ୍ସଇ କ୍ୟାଣ୍ଟିନ୍‌ରେ ଷ୍ଟକ୍ ଆସିବାର ୪ରୁ ୫ଦିନ ପରେ ଅବସରପ୍ରାପ୍ତ ସୈନିକମାନଙ୍କୁ ଜିନିଷ କିଣିବା ପାଇଁ ଅନୁମତି ମିଳିଥାଏ। ମାତ୍ର ସେତେବେଳକୁ ପ୍ରାୟ ସାମଗ୍ରୀ ଶେଷ ହୋଇଯାଉଥିବା ଏବଂ ବିଭିନ୍ନ ସମାଗ୍ରୀ ଷ୍ଟକ୍ ରହିଥିଲେ ମଧ ତାହାକୁ ଡିସ୍ ପ୍ଲେ ବୋର୍ଡ଼ରେ ସ୍ଥାନିତ ହେଉ ନ ଥିବା ଅଭିଯୋଗ କରିଛନ୍ତି। ଏଥିପାଇଁ ୩ଟି ଜିଲାର ଅବସରପ୍ରାପ୍ତ ସୈନିକମାନେ ସମ୍ମୁଖୀନ ହୋଇଥାନ୍ତି। ବିକ୍ଷୋଭ ପରେ ମଧ ଯଦି କୌଣସି ପରିବର୍ତ୍ତନ ନ ଆସେ ତେବେ ପ୍ରତିରକ୍ଷା ମନ୍ତ୍ରୀ, ବିଭାଗୀୟ ଅଧିକାରୀଙ୍କ ନିକଟକୁ ଲିଖିତ ଭାବେ ଜଣାଇବା ସହ ଆଗାମୀ ଦିନରେ ବାଲେଶ୍ୱର ପୋଲିସ ଲାଇନ୍‌ସ୍ଥିତ ଆଇଟିଆର୍ ଡାଇରେକ୍ଟରଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ ଦିଆଯିବାର ସଂଘର ଆବାହକ ମହେଶ୍ୱର ବେହେରା ଚେତାବନୀ ଦେଇଛନ୍ତି। ସମ୍ପାଦକ ଦୁର୍ଗାପଦ ଭୂୟାଁ, ଭଦ୍ରକ ଶାଖା ସଭାପତି ରୋହିତ କୁମାର ରାୟ, ଶିବଦାସ କୁଣ୍ଡୁ, ନାରାୟଣ ପଣ୍ଡା, ଉମାକାନ୍ତ ଖୁଣ୍ଟିଆ, ମନୋଜ କୁମାର ସି ପ୍ରମୁଖ ଯୋଗଦେଇ ସଞ୍ଚାଳନ କରିଥିଲେ।

### ପାତରଅନ୍ତର ନୀତି ବିରୋଧରେ ଧାରଣା




ଡିଆର୍‌ଡିଓ ଫାଟକ ସମ୍ମୁଖରେ ଅବସରପ୍ରାପ୍ତ ସୈନିକମାନେ ବିକ୍ଷୋଭ କରୁଛନ୍ତି।

## ଯୁବତୀଙ୍କ ମୃତଦେହ ଜବତ

### ବଳାତ୍କାର ପରେ ହତ୍ୟା ସନ୍ଦେହ

ବାଲେଶ୍ୱର ଅଫିସ, ୧୪।୧୨

ବାଲେଶ୍ୱର ରେଳଷ୍ଟେଶନ ନିକଟସ୍ଥ ରେଲୱେ କଲୋନୀ ନିକଟରେ ଜଣେ ଯୁବତୀଙ୍କ ମୃତଦେହ ମଙ୍ଗଳବାର ଅପରାହ୍ନରେ ଜବତ କରାଯାଇଛି। ଯୁବତୀଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ଥିବା ବେଳେ ତାଙ୍କ ବେକରେ ଲୁଗା ବନ୍ଧା ଯାଇଥିବା ଦେଖିବାକୁ ମିଳିଛି। ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ପାରିପାର୍ଶ୍ୱିକ ଅବସ୍ଥାରୁ ସନ୍ଦେହ କରାଯାଉଛି। ଯୁବତୀଙ୍କ ପରିଚୟ ମିଳିପାରିନାହିଁ। ରେଲୱେ ପୋଲିସ, ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଖବର ଲେଖା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ଉଭୟ ପୋଲିସ୍ ଘଟଣାର ତଦନ୍ତ ଜାରି ରଖିଛି।

**ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦୀପ ପ୍ରଜ୍ୱଳନ**

ଢେଙ୍କିକୋଟ, (ଡି.ଏନ.ଏ.): ପୂର୍ବତନ ମନ୍ତ୍ରୀ ତଥା କେନ୍ଦୁଝର ଜିଲା ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଅସୁସ୍ଥ ଖବର ପ୍ରଚାର ହେବାପରେ ମଙ୍ଗଳବାର ସନ୍ଧ୍ୟାରେ ଢେଙ୍କିକୋଟ ଭଲି କ୍ଲବର ସଭାପତି ଦିଗାମ୍ବର ନାୟକଙ୍କ ତତ୍ତ୍ୱାବଧାନରେ କ୍ଲବର ଶତାଧିକ ସଦସ୍ୟ ଭଲି ପଡିଆ ଠାରେ ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦୀପ ଜାଳିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବର ଉପଦେଷ୍ଟା ମଣ୍ଡଳି ତଥା ଓଷ୍ଟାର ସମ୍ପାଦକ କାହ୍ନୁ ଚରଣ ସାମଲ, ନିଳମଣୀ ମଣ୍ଡଳ କ୍ଲବର ସମ୍ପାଦକ ନିର୍ମଳ ଚନ୍ଦ୍ର ମହାନ୍ତ, ରବୀନ୍ଦ୍ର କୁମାର ସାହୁ, ବିଶ୍ୱରଞ୍ଜନ ପୃଷ୍ଟି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### କେନ୍ଦୁଝରରେ ହେବ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ

କେନ୍ଦୁଝର, ୧୪।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଜଜ କୋର୍ଟ ପରିସରରେ ଆସନ୍ତା ୧୬ ତାରିଖ ଦିନ ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟକାରୀ ହେବ। ଏନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଚିଠି ନମ୍ବର ୧୫୧୬୨ରେ ସ୍ୱତନ୍ତ୍ର ଅଧିକାରୀ (ପ୍ରଶାସନ) ପକ୍ଷରୁ ଜିଲା ଜଜଙ୍କୁ ଚିଠି ଲେଖି ସୂଚିତ କରିଛନ୍ତି। ଏହି ସ୍ୱତନ୍ତ୍ର କୋର୍ଟ ପୋକ୍ସୋ ଆଇନ ତଥା ବଳାତ୍କାର ମାମଲାର ଶୁଣାଣି କରିବେ। ରାଜ୍ୟରେ ଦୁଇଟି ଜିଲାରେ ଏଭଳି କୋର୍ଟ ସ୍ଥାପନ ହେବ। ଅନ୍ୟଟି ନବରଙ୍ଗପୁର ଜିଲାରେ ହେବ ବୋଲି ସୂଚନା ମିଳିଛି।

### ଓଲଟିଲା ଆଳୁ ବୋଝେଇ ଟ୍ରକ୍

ଭଣ୍ଡାରିପୋଖରୀ, ୧୪।୧୨(ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ପାଳଦା ବାଙ୍କ ନିକଟରେ ମଙ୍ଗଳବାର ଏକ ଆଳୁ ବୋଝେଇ ଟ୍ରକ୍ ଓଲଟି ପଡିଛି। କୋଲକାତାରୁ ଆଳୁ ବୋଝେଇ କରି କଟକ ଅଭିମୁଖେ ଯାଉଥିବା ବେଳେ ପାଳଦା ବାଙ୍କ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲା। ବେପରୁଆ ଗାଡ଼ି ଚାଳନା ଯୋଗୁ ରାଜପଥରେ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ୩୦ ୟୁନିଟ୍ ରକ୍ତ ସଂଗ୍ରହ

ରୂପସା, ୧୪।୧୨ (ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ପ୍ରେସ କ୍ଲବ ଓ ପ୍ରତିଷ୍ଠିତ ବ୍ୟବସାୟୀ ଶାନ୍ତନୁ କୁମାର ବେହେରାଙ୍କ ମିଳିତ ଆନୁକୂଲ୍ୟରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡା. ମହେଶ କୁମାର ବିଶ୍ୱାଳ ଓ ସମାଜସେବୀ ସତ୍ୟନାରାୟଣ ଗୁପ୍ତା ଯୋଗଦେଇ ରକ୍ତଦାତାଙ୍କ ଜୀବନରେ ସର୍ବଦା ସାର୍ଥକତା ଭରି ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଯୁବ ବ୍ୟବସାୟୀ ଶାନ୍ତନୁ କୁମାର ବେହେରା ଶିବିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ଗାଡ଼ି ଧକ୍କାରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ

ଯୋଡା, ୧୪।୧୨ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଣ୍ଡରା ଠାରେ ଗାଡ଼ି ଧକ୍କାରେ ଟ୍ରକ୍ ଡ୍ରାଇଭର୍ ସହଦେବ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ସେ ଟ୍ରକ୍‌ରେ ଖଣିଜ ବୋଝେଇ କରି ଯାଉଥିବା ବେଳେ କଣ୍ଡରା ରାସ୍ତାରେ ଟ୍ରକ୍‌ଟି ଖରାପ ହୋଇଥିଲା। ଟ୍ରକ୍‌ରୁ ଓହ୍ଲାଇ ଦେଖିବା ବେଳେ ଅନ୍ୟ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସହଦେବଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଘର ବାରିଆ ଥାନା ଅନ୍ତର୍ଗତ ନନ୍ଦପୁର ଗ୍ରାମରେ। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।

### ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତରଣରେ ୧୮ ହାଇସ୍କୁଲ ସାମିଲ

ଖଇରା, ୧୪।୧୨(ଡି.ଏନ.ଏ): ୫-ଟି ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତରଣରେ ବାଲେଶ୍ୱର ଜିଲା ଖଇରା ବ୍ଲକର ୧୮ଟି ହାଇସ୍କୁଲ ସାମିଲ ହୋଇଛି। ଏହି ସ୍କୁଲ ମଧ୍ୟରେ ଅନ୍ତରା ମହତିପୁର ହାଇସ୍କୁଲ, ଡଗରପଡା ହାଇସ୍କୁଲ, ଡୁଙ୍ଗୁରା ଦର୍ଶନୀ ପ୍ରସାଦ ହାଇସ୍କୁଲ, ଗଣ୍ଡିବେଡ ହାଇସ୍କୁଲ, ଅଡା ହାଇସ୍କୁଲ, ରପେୟା ଉନ୍ନିତ ଉଚ୍ଚ ବିଦ୍ୟାଳୟ, ହରିପୁର ହାଇସ୍କୁଲ, ଗଡପୋଖରୀ ହାଇସ୍କୁଲ, କୁପାରୀ ହାଇସ୍କୁଲ, ନହଙ୍ଗ ହାଇସ୍କୁଲ, ସୁନ୍ଦରପୁର ନିଳସୁନ୍ଦରଜୀଉ ହାଇସ୍କୁଲ, ବର୍ତ୍ତନା ଉଚ୍ଚ ବିଦ୍ୟାପୀଠ, ରଟିଣା ପ୍ରହ୍ଲାଦ ପ୍ରସାଦ ହାଇସ୍କୁଲ, ପଳାସପୁର ହାଇସ୍କୁଲ, ମାଖନପୁର ପଞ୍ଚାୟତ ହାଇସ୍କୁଲ, କରୁଣ୍ଟା ହାଇସ୍କୁଲ, ତୁଡିଗଡିଆ ନୀଳାମ୍ବର ହାଇସ୍କୁଲ, ଖଣିଆ ଜଳଦା ତାଲଙ୍ଗ ଉଚ୍ଚବିଦ୍ୟାପୀଠ ଅନ୍ତର୍ଭୁକ୍ତ। ଏହି ଯୋଜନାରେ ପ୍ରତ୍ୟେକ ବିଦ୍ୟାଳୟକୁ ୪୫ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ମାର୍ଚ୍ଚ ୫ତାରିଖ ପୂର୍ବରୁ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।ଏହି ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ ସାଙ୍ଗକୁ ଇ-ଲାଇବ୍ରେରୀ, ଶୌଚାଳୟ, ବିଜ୍ଞାନ ପ୍ରସ୍ତୁତିଗୃହ, ଖେଳ ପଡ଼ିଆ ଇତ୍ୟାଦି ନିର୍ମାଣ କରାଯିବ ବୋଲି ବିଡିଓ ପର୍ଶୁରାମ ପଣ୍ଡା କହିଛନ୍ତି।

# ମେଡିକାଲ ଆଗରେ ବେଆଇନ ପାର୍କିଂ

ବାରିପଦା ଅଫିସ,୧୪।୧୨

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନା ମୁଖ୍ୟ ଫାଟକ ପାଲଟିଛି ପାର୍କିଂ ଜୋନ। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟକ୍ତିଗତ ଚାରିଚକିଆ ଯାନ ରଖାଯାଉଥିବାରୁ ଚଳପ୍ରଚଳରେ ବାଧା ଉପୁଜୁଛି। ଜରୁରୀକାଳୀନ ଚିକିତ୍ସା ପାଇଁ ସେବା ଯୋଗାଉଥିବା ଆମ୍ବୁଲାନ୍ସଗୁଡ଼ିକ ଡାକ୍ତରଖାନା ପହଞ୍ଚିବାରେ ବିଳମ୍ବ ହେଉଛି। ଯାହାକୁ କେନ୍ଦ୍ର କରି ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି। ବାରମ୍ବାର ଏ ନେଇ ଅଭିଯୋଗ ପରେ ଉକ୍ତ ରାସ୍ତା ବା ଅଞ୍ଚଳକୁ ବାରିପଦା ମ୍ୟୁନସିପାଲିଟି ପକ୍ଷରୁ ନୋ-ପାର୍କିଂ ଜୋନ ଘୋଷଣା କରାଯାଉଥିଲେ ହେଁ ନିୟମକୁ କେହି ମାନୁ ନାହାଁନ୍ତି। ଏନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।



ମେଡିକାଲ ମୁଖ୍ୟ ପ୍ରବେଶ ପଥରେ ଗାଡ଼ିଗୁଡ଼ିକୁ ପାର୍କିଂ କରାଯାଇଛି।

କେତେଜଣ ବ୍ୟବସାୟୀ ନିଜର ଚାରିଚକିଆ ଯାନକୁ ପ୍ରବେଶ ରାସ୍ତାରେ ପାର୍କିଂ କରି ଦିନରାତି ବ୍ୟବସାୟରେ ମାତିଛନ୍ତି। ଡାକ୍ତରଖାନା ସଂଲଗ୍ନ ନର୍ସିଂ ତାଲିମ କେନ୍ଦ୍ରଠାରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସରକାରୀ ବାସଗୃହ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଘରୋଇ ଆମ୍ବୁଲାନ୍ସ ଓ ଯାତ୍ରୀବାହି ଅଟୋ ବ୍ୟବସାୟ ପାଇଁ ଦିନରାତି ପାର୍କିଂ କରିବାରୁ ଆମ୍ବୁଲାନ୍ସ ଚଳାଚଳରେ ବାଧା ଉପୁଜୁଛି। ଅନ୍ୟପକ୍ଷେ ଚକ୍ଷୁ ବିଭାଗ ଓ ଶବ ବ୍ୟବଚ୍ଛେଦ ଗୃହକୁ ସଂଯୋଗ କରୁଥିବା ରାସ୍ତାରେ କିଛି ଅସାଧୁ ବ୍ୟବସାୟୀ ଜଳଖିଆ ଦୋକାନ ଖୋଲି ରାସ୍ତା ଉପରେ ଚେୟାର ଟେବୁଲ ପକାଇ ଖୁଲମ୍‌ଖୋଲା ବ୍ୟବସାୟ ଜାରି ରଖିଛନ୍ତି। ଉକ୍ତ ରାସ୍ତାର ଡ୍ରେନକୁ ଆବଦ୍ଧ କରି ଜନୈକ ବ୍ୟକ୍ତି ଦୋକାନ ଗୃହ ନିର୍ମାଣ କରିବା ଦ୍ୱାରା ଦୁଇ ଓ ଚାରିଚକିଆ ଯାନବାହାନ ଚଳପ୍ରଚଳ କରିପାରୁନାହିଁ। ପ୍ରତିଦିନ ଡାକ୍ତରଖାନାକୁ ଆସୁଥିବା ଜିଲା ତଥା ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ରୋଗୀମାନଙ୍କ ଯିବା ଆସିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି। ବାହଡ଼ାଗୁଡ଼ା ଅଞ୍ଚଳର ରୋଗୀ ପ୍ରତିମା କୁଇଲା କୁହନ୍ତି, ଡାକ୍ତରଖାନାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗାଡ଼ିମୋଟର ରଖାଯାଉଥିବାରୁ ଯିବାଆସିବାରେ ବହୁତ ଅସୁବିଧା ହେଉଛି। ମ୍ୟୁନସିପାଲିଟି ଓ ଜିଲା ପ୍ରଶାସନକୁ ବେଖାତିର କରି ଦୋକାନୀମାନେ ନିଜର ପସରା ମେଲାଉଥିବାରୁ ଏଭଳି ଅବସ୍ଥା ଉପୁଜୁଛି। ଅଭିଯୋଗ ସମ୍ପର୍କରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ନେଇ ଅଭିଯୋଗ ଆସିଛି । ଖୁବ୍ ଶୀଘ୍ର ନିୟମ ଭାଙ୍ଗୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତାକୁ ଦଖଲରେ ରଖିଥିବା ବ୍ୟବସାୟୀ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

## ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ

ବାଲେଶ୍ୱର ଅଫିସ, ୧୪।୧୨

ବାଲେଶ୍ୱର ମାଣିଖମ୍ବ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସାଂସ୍କୃତିକ ଫୋରମ ରାଷ୍ଟ୍ରୀୟ କଳା ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ସ୍ୱାଧୀନତାର ଅମୃତ ମହୋତ୍ସବ' ପ୍ରସଙ୍ଗରେ ନୃତ୍ୟ, ସଙ୍ଗୀତ, ମୁରୁଜ, ନାଟକ, କବିତା ଆବୃତ୍ତି, ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମୁଖ୍ୟଅତିଥି ରୂପେ ସଙ୍ଗଠନ ପୂର୍ବତନ କାର୍ଯ୍ୟକର୍ତ୍ତା ପ୍ରଭଞ୍ଜନ ପାଢ଼ୀ, ସମ୍ମାନିତ ଅତିଥି ଭାବେ ମନୋଜ କୁମାର ରାଉଳ, ଜିଲା ସଂଯୋଜକ ପ୍ରଦୀପ କୁମାର ମଣ୍ଡଳ ଓ ବିଭାଗ ରାଷ୍ଟ୍ରୀୟ କଳା ମଞ୍ଚ ସଂଯୋଜକ ମହେନ୍ଦ୍ର ପ୍ରତାପ ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଦିବଙ୍ଗତ ସିଡିଏସ୍ ଜେନେରାଲ ବିପିନ ରାୱତଙ୍କ ସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯବାନ ଏବଂ ଏବିଭିପି ଭଦ୍ରକର ବାସୁଦେବପୁର ନଗର ସମ୍ପାଦକ ରିଙ୍କୁ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାର୍ଥୀଙ୍କ ଦ୍ୱାରା ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ହେମନ୍ତ ଜେନା, କଲ୍ୟାଣୀ ନନ୍ଦ, ଦେବାଶିଷ ସାହୁ, ଈପ୍‌ସିତା ଦେ, ରଶ୍ମିରଞ୍ଜନ ଦାସ, ଶ୍ରୀତମ ସିଂହ, ପ୍ରେମ ନାୟକ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ଭାବେନ୍ଦ୍ର କୁମାର ରାଉତ, ପୁରଜିତ ମୁନି, ବିଭାଗ ସହ ସଂଯୋଜକ ରଜତ କୁମାର ପାତ୍ର, ରାଜ୍ୟ ସହ ସମ୍ପାଦକ ଅରିଜିତ ପଟ୍ଟନାୟକ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କୃତି ପ୍ରତିଯୋଗୀମାନେ ଆସନ୍ତା ୧୭, ୧୮, ୧୯ ତାରିଖ ଭୁବନେଶ୍ୱରଠାରେ ଅୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଛନ୍ତି।

## ରାଧାମୋହନ ମନ୍ଦିରରେ ଗୀତାଯଜ୍ଞ

ବାଲିଆପାଳ, ୧୪।୧୨(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ପଞ୍ଚାୟତର କଡୁଆପଡ଼ା ଗ୍ରାମରେ ଥିବା ରାଧାମୋହନ ମନ୍ଦିରରେ ଗୀତା ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ମନ୍ଦିର ପରିସରରେ ଇସ୍କନ ଗୌଡ଼ୀୟ ରୀତିନୀତିରେ ଗୀତାଯଜ୍ଞ ସମାପନ ହୋଇଯାଇଛି। ପ୍ରତ୍ୟେକ ଦିନ ପରି ବ୍ରହ୍ମମୁହୂର୍ତ୍ତରୁ ମନ୍ଦିର ନୀତିକାନ୍ତି ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୮ଟାରୁ ଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ପୂର୍ଣ୍ଣାହୂତି ଦିଆଯାଇଥିଲା। ମୋଖଦା ଏକାଦଶୀରେ ଗୀତା ଜୟନ୍ତୀ ଉତ୍ସବ ପାଳନ ହୋଇଥିବାରୁ ଯଜ୍ଞ ସମାପନ ପରେ ଉପସ୍ଥିତ ଭକ୍ତମାନେ ଅନୁକଳ୍ପ ପ୍ରସାଦସେବନ କରିଥିଲେ। ସତ୍ୟ ଗୌରହରି ଦାସ ମନ୍ଦିର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିବା ବେଳେ କେଶୁ ସୂଦନ ଦାସ ଯଜ୍ଞ କାର୍ଯ୍ୟରେ ନ୍ୟସ୍ତ ରହି ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଅକ୍ଷୟ ପ୍ରଭୁ, ପୁଣ୍ୟବ୍ରତ ଦାସ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

## 'ଶିକ୍ଷା ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ'


ରୌପ୍ୟଜୟନ୍ତୀ ସମାରୋହରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

**ନଛିପୁର ହାଇସ୍କୁଲ ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ**

ଖଇରା, ୧୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲର ୩ଦିନିଆ ରୌପ୍ୟଜୟନ୍ତୀ ସମାରୋହ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟି ଅଧ୍ୟକ୍ଷ ତଥା ରାଜ୍ୟ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏଥିରେ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମି ସଜାଡିବାକୁ ସରକାର ପ୍ରାଥମିକତା ଦେଉଛନ୍ତି । ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଦାୟିତ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କର। ଏଣୁ ପିଲାମାନେ ଜ୍ଞାନ ଆହରଣ ପାଇଁ ହାତରେ ବହି ଏବଂ ଶରୀର ସୁସ୍ଥ ପାଇଁ ଖେଳାଖେଳି କରିବା ଦରକାର ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ କ୍ରୀଡା, ସୂଚନା ପ୍ରଯୁକ୍ତି ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ବର୍ତ୍ତମାନ ମୋବାଇଲ ପିଲାମାନଙ୍କୁ କୁପଥଗାମୀ କରୁଛି । ଏଣୁ ଅଭିଭାବକମାନେ ଏଥିପ୍ରତି ଯଥେଷ୍ଟ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ଆଇନଜୀବୀ ନାଗାର୍ଜୁନ ସେଠୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର, ସରପଞ୍ଚ ପଙ୍କଜିନୀ ଦାସମହାପାତ୍ର, ପରିଚାଳନା କମିଟି ସଭାପତି ଭରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କିଶୋର ରାଉତଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ଜୟନ୍ତୀ କମିଟି ସମ୍ପାଦକ ସଂଗ୍ରାମ କେଶରୀ ପଣ୍ଡା ବିବରଣୀ ପାଠ, ନରସିଂହ ପାଣି ବେଦପାଠ ଓ ବିଷ୍ଣୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ବିଡିଓ ପର୍ଶୁରାମ ପଣ୍ଡା ପତାକା ଉତ୍ତୋଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଦେବେନ୍ଦ୍ର କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଶିକ୍ଷକ ଭୀଷ୍ମଚରଣ ନାୟକ ଓ କ୍ଷେତ୍ରମୋହନ ସେନାପତି ବକ୍ତା ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଆନ୍ତଃ ମହାବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାରିପଦା ଅଫିସ,୧୪।୧୨

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ମହିଳା ବିଭାଗରେ ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ଛାତ୍ରୀ ଏସ୍‌ଡି ଅନୁପ୍ରିୟା ମାଝୀ ଓ ପୁରୁଷ ବିଭାଗରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଅସୀତ କୁମାର ମହାନ୍ତି ଚାମ୍ପିୟନ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ଖେଳ ପରିଚାଳନା କରିଥିବା ବେଳେ ରାଗଧାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମହାବିଦ୍ୟାଳୟର ଖେଳ ଶିକ୍ଷକ ଧନଞ୍ଜୟ ତ୍ରିପାଠୀ, ବସନ୍ତ କୁମାର ସାହୁ, ଅଭିଷେକ ଆଚାର୍ଯ୍ୟ, ଅବିନାଶ ସାହୁ ଆରବିଟର ଭାବେ କାର୍ଯ୍ୟ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ଚେୟାରମ୍ୟାନ ପ୍ରଫେସର ଅନୀଲ କୁମାର ବିଶ୍ୱାଳ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

## ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ବାହାନଗା,୧୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତର ଥିବା ଶିବ ପ୍ରସାଦ ଜଗନ୍ନାଥ ତ୍ରିଲୋଚନ (ଏସପିଜେଟି)ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ସହଯୋଗରେ ଆୟୋଜିତ ଉତ୍ସବର ପ୍ରଥମ ଅଧିବେଶନରେ କମିଟିର ସଭାପତି ଶଶଧର ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଭେନସ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଅଲେଖ କୁମାର ଘଡ଼େଇ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶ ବିଭାଗର ଚେୟାରମ୍ୟାନ ସୁବ୍ରତ ବାଗ୍‌ଚି ଯୋଗ ଦେଇଥିଲେ। ଅତିରିକ୍ତ ଶାସନ ସଚିବ ସୁର୍ଦ୍ଦଶନ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ବ୍ୟାଙ୍ଗ କବି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ କପିଳେନ୍ଦ୍ର ପଡ଼ିଆରୀ ଯୋଗ ଦେଇଥିଲେ। ଭାଗିରଥି ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା ଓ ରବି ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଡିଏମ୍‌ଏଫ୍ ଅନୁଦାନରେ ହେବ ଗ୍ରାମ୍ୟ ଉଦ୍ୟାନ

କେନ୍ଦୁଝର, ୧୪।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଖଣି ପ୍ରଭାବିତ ୯୨ ପଞ୍ଚାୟତରେ ଡିଏମଏଫ ଗ୍ରାମ ଉଦ୍ୟାନ ହେବ। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଗ୍ରାମାଞ୍ଚଳରେ ଥିବା ଖୋଲା ସ୍ଥାନର ବିକାଶ କରି ସୌନ୍ଦର୍ଯ୍ୟତା ବୃଦ୍ଧି କରିବା ସହ ପୋଖରୀ, ଜଳାଶୟ ତଥା ସ୍ଥାନୀୟ ଜୈବବିବିଧତା ପର୍ଯ୍ୟଟନ ସ୍ଥଳ ଗୁଡିକର ବିକାଶ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଗ୍ରାମ୍ୟ ଉଦ୍ୟାନରେ ସବୁ ବର୍ଗର ଲୋକଙ୍କ ପାଇଁ ଚଲା ପଥ, ବର୍ହି ବ୍ୟାୟାମଶାଳା, ଆକ୍ୟୁପ୍ରେସର ବ୍ୟାୟାମ, ଶିଶୁଙ୍କ ଖେଳ ପଡିଆ, ସ୍ଥାନୀୟ କଳା ପ୍ରଦର୍ଶନ କରିବା ପାଇଁ ମଣ୍ଡପ, ଯୋଗ ଓ ମେଡିଟେଶନ ପାଇଁ ସ୍ଥାନ, ଫୁଲ ବଗିଚା ଆଦି ବ୍ୟବସ୍ଥା ରହିବ। ସେହିପରି ଜଳାଶୟ ଗୁଡିକର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ କରିବା ସହ ସୁରକ୍ଷା ବାଡ, ବସିବା ସ୍ଥାନ, ପାହାଚ, ଗାଧୋଇବା ସ୍ଥାନ ଆଦି ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି । ଏହା ଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଖୁସିର ପରିବେଶ ସୃଷ୍ଟି ହୋଇ ପାରିବ। ଦୁର୍ଗମ ଅଞ୍ଚଳର ପିଲାମାନେ ଖୋଳକୁଦ ଓ ମଜା କରିବାର ସୁଯୋଗ ପାଇବେ। ବର୍ଜ୍ୟବସ୍ତୁ ପରିଚାଳନା, ଗାଧୋଇବା, ଲୁଗା ଧୋଇବା ଆଦି ତଥା ପରମ୍ପରାଗତ ସାମାଜିକ କାର୍ଯ୍ୟ ଆଦି ସମ୍ପାଦିତ ହୋଇ ପାରିବ ବୋଲି ଜିଲାପାଳ ଆଶୀଷ ଠାକରେ ସୂଚନା ଦେଇଛନ୍ତି।

## ବ୍ୟାରିକେଡ୍ ଭାଙ୍ଗିଲେ କଂଗ୍ରେସ କର୍ମୀ


ଏସ୍‌ପି ଅଫିସ ଭିତରକୁ କଂଗ୍ରେସ କର୍ମୀମାନେ ଧସେଇ ପଶିବାକୁ ଉଦ୍ୟମ କରୁଛନ୍ତି।

ବାରିପଦା ଅଫିସ, ୧୪।୧୨

ମମିତା ମେହେରଙ୍କୁ ନ୍ୟାୟ ଓ କଂଗ୍ରେସ ଭବନରେ ପଶି ପୋଲିସ ମାଡ଼ ମାରିବା ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ମୟୂରଭଞ୍ଜ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କଂଗ୍ରେସ କର୍ମୀମାନେ ବ୍ୟାରିକେଡ୍ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ପ୍ରତିରୋଧ କରିଥିଲା। ଏନେଇ କିଛି ସମୟ ସେଠାରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲା ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ବିକ୍ଷୋଭ ପ୍ରଦର୍ଶନକାରୀ ୪ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଇ ପରେ ଛାଡ଼ି ଦେଇଥିଲା। କର୍ମୀମାନେ ଅଣ୍ଡା ମାଡ଼ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସାଦା ପୋଷାକଧାରୀ ପୋଲିସ କର୍ମଚାରୀ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଥିଲେ। ବରିଷ୍ଠ ନେତା ବିଜନ ଦାସ, ଅଜୟ ମହାପାତ୍ର, ଅଶୋକ ଅଧିକାରୀ, ଯୋଗେଶ ଅଗ୍ରୱାଲ, ଅରବିନ୍ଦ ଦାସ, ଟାଉନ ସଭାପତି ଶାନ୍ତନୁ ପାଲ, ବରିଷ୍ଠ ନେତା ଜ୍ୟୋତିପ୍ରକାଶ ରଥ, ସୁଦୀପ ମନ୍ତ୍ରୀ, ସୁନନ୍ଦା ସାହୁ, ପ୍ରଭାସ କରମହାପାତ୍ର,ସଞ୍ଜୟ ସେଠୀ ପ୍ରମୁଖ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶତାଧିକ କର୍ମୀଙ୍କ ସମେତ ବହୁ ନେତୃବୃନ୍ଦ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଏସ୍‌ପି ଅଫିସ ଆଗରେ ଧାରଣା



କଂଗ୍ରେସ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ଭଦ୍ରକ ଅଫିସ,୧୪।୧୨

ମମିତା ମେହେର ହତ୍ୟାକାଣ୍ଡର ଏସଆଇଟି ତଦନ୍ତ ଦାବି କରିଛି ଜିଲା କଂଗ୍ରେସ କମିଟି। ଏହି ତଦନ୍ତ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ହେବା ସହିତ ରାଜ୍ୟ ଗୃହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର କରି ତାଙ୍କ ନାମରେ ମାମଲା ରୁଜୁ କରିବା ଗତ ୧୦ ତାରିଖ ଛାତ୍ର କଂଗ୍ରେସର ବିକ୍ଷୋଭ ସମୟରେ ପୋଲିସର ମରଣାନ୍ତକ ଆକ୍ରମଣ ଓ କଂଗ୍ରେସ ଭବନ ମଧ୍ୟରେ ପ୍ରବେଶ କରି ମାଡ଼ ମାରିବା ଘଟଣାର ନ୍ୟାୟିକ ତଦନ୍ତ ପାଇଁ ଭୁବନେଶ୍ୱର ଡିସିପିଙ୍କୁ ବହିଷ୍କାର କରିବା ଦାବିରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରିବା ପରେ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଏସ୍‌ପି ଧାରଣା ସ୍ଥଳକୁ ଆସି ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ଗ୍ରହଣ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବାସୁଦେବପୁର ବିଧାନସଭାସ୍ତରୀୟ ନେତା ଅଶୋକ ଦାସ, ଭଦ୍ରକ ବିଧାନସଭାସ୍ତରୀୟ ନେତା ନଳିନୀ ମହାନ୍ତି, ଚାନ୍ଦବାଲି ବିଧାନସଭାସ୍ତରୀୟ ନେତା ଦିଗମ୍ବର ଦାସ ଉପରୋକ୍ତ ଦାବି ପୂରଣ କରିବାକୁ ଉପସ୍ଥିତ ନେତୃମଣ୍ଡଳୀ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, ଅବଦୁଲ ମୋକିଦ ଖାନ ପ୍ରମୁଖ ଶୋଭାଯାତ୍ରାର ଓ ଧାରଣାର ନେତୃତ୍ୱ ନେଇଥିଲେ।

## ନ୍ୟାୟ ପାଇଁ ରଣ ହୁଙ୍କାର


ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯାଇଛି।

ବାଲେଶ୍ୱର ଅଫିସ, ୧୪।୧୨

ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜିଲା ଏସ୍‌ପିଙ୍କ ଅଫିସ ଘେରାଉ କରାଯାଇଥିଲା। ଶତାଧିକ କଂଗ୍ରେସ କର୍ମୀ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ନେତାମାନେ ବର୍ଷିଥିଲେ। ଛାତ୍ର କଂଗ୍ରେସର କର୍ମକର୍ତ୍ତାଙ୍କୁ ପୋଲିସର ଆକ୍ରମଣ ଘଟଣାରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ଓ ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦିଙ୍କ ପରିଚାଳନାରେ ପ୍ରତିବାଦ ସଭା କରାଯାଇଥିଲା। ଧାରଣାସ୍ଥଳରେ ପୋଲିସ୍ ବାରିକେଡ୍‌କୁ ଭାଙ୍ଗି କର୍ମୀମାନେ ଏସ୍‌ପି ଅଫିସ୍‌କୁ ଧସେଇ ପଶୁଥିବା ବେଳେ ପୋଲିସ ଛାତ୍ର ଓ ଯୁବ କଂଗ୍ରେସର ବହୁ କର୍ମୀଙ୍କୁ ଗିରଫ କରିଥିଲା। ବିକ୍ଷୋଭ ପରେ ସେମାନଙ୍କୁ ଛାଡ଼ି ଦେଇଥିଲା। ଶେଷରେ ଏକ ୭ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁଶେଖର ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରମାଣିକ, ବସ୍ତା କଂଗ୍ରେସ ନେତା ବିଜନ ନାୟକ, ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଏଆଇଡବ୍ଲୁସି ସଭାପତି ବିକାଶ ଦାସ, ରେମୁଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରା, ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମନୋରଞ୍ଜନ ପଣ୍ଡା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ରହିମତ ଅଲ୍ଲୀ, ରାଜ୍ୟ ଏଆଇଡବ୍ଲୁସିର ଉପସଭାପତି ଜ୍ୟୋସ୍ନା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

